# ବୁଦ୍ଧ[୧]

ଆମେ ଯିଏ
ଆୟୁଷକୁ ରକ୍ତାକ୍ତ କରି
ରୋଗିଣା କଲେ
ତମେ ଦେଖିଲ
ତଥାପି ଚୁପ୍ ହିଁ ରହିଲ ॥

ଆମେ ଯିଏ
ଜୀବନକୁ ପୋଡ଼ିବାର
ଉପକ୍ରମ କଲେ
ତମେ ଭାବିଲ
ବଡ ଅସୁସ୍ଥ ଲାଗେ
ଲୁମ୍ବିନୀ ଉଦ୍ୟାନ ॥

ଆମେ ଯେବେ
ସ୍ୱପ୍ନକୁ ଫସିଲ ଭିତରେ
ପୋତି ଦେଲୁ
ତମେ କହିଲ
ତାରା ଫୁଲ ଦିନେ ମଉଳିବ ॥
ପୁଣି
ଆମେ ଯେବେ
ମୁକ୍ତ ଆକାଶକୁ
କିଛି ରଙ୍ଗ ମାଗିଲୁ
ତମେ କିଛି ହେଲେ କହିଲନି ॥
ଚୁପ୍‌ଚୁପ୍ ନିର୍ଜନ ରାତିରେ
ଆମେ ଖାଲି ଥରେ ଶୁଣିଲୁ
ତମରି ଏକାକୀ ପାଦଶବ୍ଦ ॥

ଆଉ ତା'ପରେ
ଶେଷଥର ପାଇଁ ଶୁଣିଲୁ
ମଲାଗଛରେ ବି
ମହମହ ଫୁଲ ଫୁଟି ପାରେ
ଯେବେ ଜୀବନଟିଏ ଆଖି ମୁଦି ଦିଏ ॥

---

[୧] ସମ୍ବାଦ–୨୬–୪–୯୮